ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/OLLC(Od)/1133/18-10-2023**

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ଦୁଇଦିନିଆ ବାର୍ଷିକ ଉତ୍ସବ ଉଦ୍‌ଯାପିତ

## ପରିବେଷିତ ହେଲା ନାଟକ 'ସମୟ କହିବ କିଏ କାହାର'

ଭୁବନେଶ୍ୱର,୧୮/୧୦/୨୦୨୩:

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ଦୁଇଦିନିଆ ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଏବଂ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମଧୁସୂଦନ ଦାଶ, ଯୁଗ୍ମ ସଚିବ ଶ୍ରୀମତୀ ଅତସୀ ଦାସ, ଉପନିର୍ଦ୍ଦେଶକ ସନ୍ତୋଷ ଚାଟାର୍ଜୀ, ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷିକେଶ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଭଳି ଉତ୍ସବରେ ସମସ୍ତ କର୍ମଚାରୀମାନେ ଯେଉଁ ଉତ୍ସାହ ପ୍ରଦର୍ଶନ କରିଛନ୍ତି ତାହା ସେମାନଙ୍କ ମଧ୍ୟରେ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବକୁ ସୂଚିତ କରୁଛି । ଏଭଳି ମନୋଭାବ ନେଇ ଆଗକୁ ବିଭାଗର କାର୍ଯ୍ୟକ୍ରମର ରୂପାୟନରେ ସେମାନେ ବ୍ରତୀ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଆଜିର ଉଦ୍‌ଯାପନୀ ରଜନୀରେ ପରିଷଦର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ତଥା ଶ୍ରୀ ହରେନ୍ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ସମୟ କହିବ କିଏ କାହାର' ମଞ୍ଚସ୍ଥ ହୋଇଥିଲା । ଉକ୍ତ ନାଟକ ଅନନ୍ତ ଓଝାଙ୍କ ଦ୍ୱାରା ରଚିତ ହୋଇଥିଲାବେଳେ ଧୀରେନ୍ ପ୍ରହରାଜ ନାଟ୍ୟରୂପ, ନୃତ୍ୟରେ ରୁବି ହାତୀ, ସଂଗୀତରେ ବିନୟ ଦାସ, ମଞ୍ଚ ସାଜସଜ୍ଜାରେ ତ୍ରିଲୋଚନା ସାହୁ ପ୍ରମୁଖ ସହଯୋଗ କରିଥିଲେ । ପରିବର୍ତ୍ତିତ ସମୟରେ ବାସ୍ତବତାକୁ ଗ୍ରହଣ କରିବା ପ୍ରତ୍ୟେକ ମଣିଷର ଆଭିମୁଖ୍ୟ ହେବା ଜରୁରୀ ବୋଲି ନାଟକର ବାର୍ତ୍ତା ରହିଥିଲା । ମାତ୍ରାଧିକ ଆତ୍ମବିଶ୍ୱାସ ଓ ସନ୍ତାନମାନଙ୍କ ପ୍ରତି ପିତାମାତାଙ୍କ ଅନୁଶାସନରହିତ ଅତ୍ୟଧିକ ସ୍ନେହ ଭବିଷ୍ୟତ ପାଇଁ କ୍ଷତିକାରକ ବୋଲି ନାଟକର ସାରମର୍ମ ଥିବାବେଳେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ଆତ୍ମବିଭୋର କରିଥିଲା । ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପରିଷଦର ସଭାପତି ଶ୍ରୀ ମାଥିଆସ୍ ତିର୍କୀ, ସଂପାଦକ ଶ୍ରୀ ମୃତ୍ୟୁଞ୍ଜୟ ଦଳବେହେରା ଉପସ୍ଥିତ ଥିବାବେଳେ ମୃତ୍ୟୁଞ୍ଜୟ ରଥ, ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

ଜିତେନ୍ଦ୍ରୀୟ ଜେନା
ସୂଚନା ଅଧିକାରୀ